# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 26th March – 2026

**********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ବିଧାନସଭା ଗୃହକାର୍ଯ୍ୟ ବାଧାପ୍ରାପ୍ତ; ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ ।

- ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତ କଲେ ରାଜ୍ୟପାଳ ।

- ପୌରପାଳିକାଗୁଡ଼ିକର କାର୍ଯ୍ୟଧାରାକୁ ସରଳ ଓ ତ୍ୱରାନ୍ୱିତ କରିବାପାଇଁ ଓଡ଼ିଶା ପୌର ନିୟମାବଳୀରେ ସଂଶୋଧନ କଲେ ରାଜ୍ୟ ସରକାର ।

ଏବଂ

- କାଳବୈଶାଖୀ ପ୍ରଭାବରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା; ଆଗାମୀ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ।

*Assembly Review*

# ବିଧାନସଭା

ବିଧାନସଭା ବଜେଟ୍ ଅଧିବେଶନର ଆଜି ତ୍ରୟୋଦଶ ଦିବସ କାର୍ଯ୍ୟଦିବସ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା । ପ୍ରଶ୍ନକାଳ ମାତ୍ର ୮ ମିନିଟ୍ ପାଇଁ ଚାଲିଥିବାବେଳେ ଶୂନ୍ୟକାଳ ଆଦୌ ଚାଲିପାରି ନ ଥିଲା । ହଟ୍ଟଗୋଳ ମଧ୍ୟରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନୂତନ ଅବକାରୀ ବିଲ୍ ସମ୍ପର୍କରେ ଗୃହକୁ ଅବଗତ କରିଥିଲେ ।

ବିଧାନସଭାରେ ଆସନ୍ତା ସୋମବାର ଦିନ ଦୁଇଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଗିଲୋଟିନ୍ ଦ୍ୱାରା ପାରିତ ହେବ ବୋଲି ବାଚସ୍ପତି ସୁରମା ପାଢ଼ି ଘୋଷଣା କରିଛନ୍ତି। ଏହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ଅଶୋକାଷ୍ଟମୀ ଅବସରରେ ବାଚସ୍ପତି ଦୁଇଟିଯାକ ଖର୍ଚ୍ଚ ଦାବି ଉପରେ ସୋମବାର ଦିନ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଘୋଷଣା କରି ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

***Desk***

# ନୂତନ ମାନବାଧିକାର ଅଧ୍ୟକ୍ଷ

ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀଙ୍କୁ ରାଜ୍ୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଜଷ୍ଟିସ୍ ପୂଜାହାରୀ ଆୟୋଗର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାଦିନଠାରୁ କାର୍ଯ୍ୟକାଳ ଆରମ୍ଭ ହେବ । ୨୦୧୩ ମସିହାରେ ଓଡ଼ିଶା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଓ ୨୦୧୪ ମସିହା ଅକ୍ଟୋବର ମାସରେ ଜଷ୍ଟିସ ପୂଜାହାରୀ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

***Puri/R***

## ପୁରୀ - ଶ୍ରୀରାମ ନବମୀ

ଚୈତ୍ର ଶୁକ୍ଲ ନବମୀ ତିଥିରେ ଆସନ୍ତାକାଲୀ ପୁରୀ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ଭୋଗ ନୀତି ଶେଷହେବା ପରଠାରୁ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ  । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

***Koraput, Bhadrak/R***

## ଶ୍ରୀରାମ ନବମୀ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯିବ । ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରୀରାମ

ନବମୀ ଉପଲକ୍ଷେ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ୍ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି ।

କୋରାପୁଟର ଜୟପୁର ସହରରେ ପୁଲିସ୍ ପକ୍ଷରୁ ଆଜି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । କେନ୍ଦ୍ରୀୟ ଓ ରାଜ୍ୟ ସଶସ୍ତ୍ର ବାହିନୀ ସମେତ ୧୩ ପ୍ଲାଟୁନ୍ ପୁଲିସ୍ ଏଥିରେ ଅଂଶଗ୍ରହଣ କରିଥିଲେ ।

ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗହଣ କରାଯାଇଛି । ରାଜ୍ୟ ଅପରାଧ କ୍ରାଇମ୍ ବ୍ରାଞ୍ଚ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

***Sambalpur/R***

# ବିଦ୍ୟୁତ୍ ଚୋରି ମାମଲା - ଶିବିର

ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ - ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍. ପକ୍ଷରୁ ଆସନ୍ତା ୩୦ ଓ ୩୧ ତାରିଖରେ ସମସ୍ତ ଡିଭିଜନ, ସବ୍‌ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ବିଦ୍ୟୁତ୍ ଚୋରି ମାମଲାର ସହଜ ସମାଧାନ ନିମନ୍ତେ ଶିବିରର ଆୟୋଜନ କରାଯିବ। ଶିବିର ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ଗତ ଲୋକ ଅଦାଲତ ସମୟରେ ୫ ହଜାର ୬ ଶହରୁ ଊର୍ଦ୍ଧ୍ୱ ମାମଲାର ସମାଧାନ କରାଯାଇଛି । ଏହି ପଦକ୍ଷେପ

ଗ୍ରାହକମାନଙ୍କୁ ସରଳ ଏବଂ ସୁବିଧାଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ବିବାଦୀୟ ମାମଲାର ସମାଧାନ ନିମନ୍ତେ କାର୍ଯ୍ୟ କରୁଛି ।

*Desk*

# ପୌର କାର୍ଯ୍ୟଧାରା ନିୟମାବଳି

ରାଜ୍ୟରେ ଥିବା ପୌରପାଳିକାଗୁଡ଼ିକର କାର୍ଯ୍ୟଧାରାକୁ ସରଳ ଓ ତ୍ୱରାନ୍ୱିତ କରିବାପାଇଁ ଓଡ଼ିଶା ପୌର ନିୟମାବଳୀ-୧୯୫୩ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି । ନୂତନ ସଂଶୋଧିତ ନିୟମାବଳୀ-୨୦୨୫ ଅନୁଯାୟୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତାରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି । ସଂଶୋଧନ ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରରୀ' କାଉନ୍‌ସିଲ୍‌ରଙ୍କ ବିନା ଅନୁମତିରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ଏବଂ କ୍ରୟ କମିଟିର ସୁପାରିସକ୍ରମେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରୟ କରିପାରିବେ । ସେହିପରି କାର୍ଯ୍ୟନିର୍ବାହୀ ଅଧିକାରୀମାନେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ସ୍ୱାକ୍ଷର କରିପାରିବେ । ୨୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ଉଭୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୌରାଧ୍ୟକ୍ଷ ମିଳିତ ଭାବେ ଅନୁମୋଦନ କରିବେ । ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ କାର୍ଯ୍ୟନିର୍ବାହୀ ଅଧିକାରୀ

ଦେଇପାରିବେ । ଯଦି ଏହି ପରିମାଣ ୧୦ ଲକ୍ଷ ଟଙ୍କରୁ ଅଧିକ ହୋଇଥାଏ, ସେ କ୍ଷେତ୍ରରେ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ ।

***BBSR/R***

## ରୁକୁଣା ରଥ

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆଜିପାଇଁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଶେଷ ହୋଇଛି । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସକାଳ ୧୦ଟା ୪୫ ମିନିଟ୍‌ରେ ପହଣ୍ଡି  ଶେଷ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା । ବଢ଼େଇବାଙ୍କ  ଛକରେ ଶ୍ରୀଲିଙ୍ଗରାଙ୍କ ରଥ ଅଟକି ରହିଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି । ମହାପ୍ରଭୁଙ୍କୁ ଅଣଲେଉଟା ରୁକୁଣା ରଥରେ ଦେଖିବାପାଇଁ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଛି ।

***Boudh/R***

## ରଥକାଠ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାପାଇଁ ପ୍ରସ୍ତୁତି ଆଗେଇ ଚାଲିଛି । ବୌଦ୍ଧ ଜିଲ୍ଲାର ରଥ ନିର୍ମାଣ ପାଇଁ ମାଧପୁର ରେଞ୍ଜ୍ ଅଞ୍ଚଳରୁ ପୁରୀ ରଥଖଳାକୁ କାଠ

ପଠାଯାଇଛି । ପରମ୍ପରା ଅନୁସାରେ ପୂର୍ବରୁ ଆଜ୍ଞାମାଳ ଆସିବା ପରେ କାଠକଟା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପରେ ୨ଟି ଗାଡ଼ିରେ ୫୩ ଖଣ୍ଡ ରଥକାଠ ପୁରୀକୁ ପଠାଯାଇଛି । ଚଳିତ ବର୍ଷ ଜିଲ୍ଲାର ୫ଟି ରେଞ୍ଜ୍‌ରୁ ୧୨ଟି ଗାଡ଼ିରେ କାଠ ପଠାଯିବ ବୋଲି ଜଣାପଡ଼ିଛି ।

***Ganjam/R***

# ଶିଶୁବାଟିକା

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ଶିକ୍ଷାନୀତିରେ 'ଶିଶୁ ବାଟିକା' ଆରମ୍ଭ କରିଛନ୍ତି । ଆସନ୍ତାମାସ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କ୍ରମରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଏନ୍.ଏ.ସି. ଅନ୍ତର୍ଗତ ମୁରଲୀ ନଗର ଓ ଚର୍ଚ୍ଚରୋଡ୍‌ସ୍ଥିତ ଛାତ୍ରଛାତ୍ରୀଙ୍କ ଘରକୁ ବ୍ଲକ୍ ଶିକ୍ଷାଧିକାରୀ ଗସ୍ତକରି ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି ।

*Nayagarh/R*

## ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପି.ଏମ୍.ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ ଅବସରରେ ଜଳ ଓ ମୃତ୍ତିକା ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଜନସାଧାରଣଙ୍କୁ ମୃତ୍ତିକା, ଜଳ ସଂରକ୍ଷଣ ଓ ପ୍ରାକୃତିକ ସମ୍ପଦର ସଦୁପଯୋଗ ଉପରେ ସଚେତନ କରିଥିଲେ ।

*Ganjam/R*

## ଆଇନ ସଚେତନତା

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ କଲ୍ୟାଣ ମଣ୍ଡପଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା କମିଶନ୍‌ର ସଦସ୍ୟା ଉର୍ମିଳା ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କ ସୁବିଧା ଓ ସହଯୋଗପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଓ ସମ୍ବିଧାନ ପ୍ରଦତ୍ତ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ ।

*Nayagarh/R*

# ଗାଁ କଲ୍ୟାଣ ସମିତି ସମ୍ମିଳନୀ

ନୟାଗଡ଼ ଜିଲ୍ଲା ପଠାଣି ସାମନ୍ତ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଆଶାକର୍ମୀଙ୍କୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପ୍ରଥମ ସମ୍ପର୍କ ସୂତ୍ର ବୋଲି ବର୍ଣ୍ଣନା କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପୁଷ୍ପା ନିଳିମା ଲାକ୍ରା ଜିଲ୍ଲାରେ କାର୍ଯ୍ୟରତ ୯୬୬ ଜଣ ଆଶାଦିଦିଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ଆଶାକର୍ମୀମାନେ ମ୍ୟାଲେରିଆ ନିୟନ୍ତ୍ରଣ, ଫାଇଲେରିଆ ମୁକ୍ତି, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛନ୍ତି ବୋଲି ଶ୍ରୀମତୀ ଲାକ୍ରା କହିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତିଗୁଡ଼ିକୁ ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

*Boudh/R*

# ଭୀମଭୋଇ ସାମର୍ଥ୍ୟ ଶିବିର

ବୌଦ୍ଧ ଜିଲ୍ଲା ବହିରା ଗ୍ରାମରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୧୩ ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ ।

ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ହ୍ୱିଲ୍ ଚେୟାର୍ ଏବଂ ୩ ଜଣଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରାଯାଇଥିଲା ।

***Ganjam/R***

## ଓଡ଼ିଶା ଦିବସ - ପ୍ରତିଯୋଗିତା

ଗଞ୍ଜାମ ଜିଲ୍ଲା ସହିଦ ଲକ୍ଷ୍ମଣ ନାଏକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ, କୋଟ୍‌ପେଟାଠାରେ ୯୧ତମ ଓଡ଼ିଶା ଦିବସ ପାଳନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମାସ ପହିଲାରେ ବ୍ରହ୍ମପୁର ଶିଳ୍ପ ତାଲିମ୍ କେନ୍ଦ୍ର ପ୍ରେକ୍ଷାଳୟରେ ହେବାକୁ ଥିବା ଓଡ଼ିଶା ଦିବସ-୨୦୨୬ର ସାଧାରଣ ସଭା ଓ ସଂସ୍କୃତିକ ଉତ୍ସବରେ ପୁରସ୍କୃତ କରାଯିବ ।

***Malkangiri/R***

## ଓଡ଼ିଶା ଦିବସ - ପ୍ରସ୍ତୁତି

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ

କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନ ମୁଖ୍ୟଙ୍କଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବାପାଇଁ ନିଷ୍ପତ୍ତି ନିଆଯାଇଛି ।

***Nuapada/R***

# ଅଗ୍ନିବୀର କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅଗ୍ନିବୀର ପରାମର୍ଶ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପାଳପୁର ସେନାନିଯୁକ୍ତି କାର୍ଯ୍ୟାଳୟରୁ ସେନା ଅଧିକାରୀ ସୁବାସ ଘୋଷ ଏବଂ ଜିଲ୍ଲା କର୍ମନିଯୋଜନ ସଂସ୍ଥା ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ସେମାନେ ଅଗ୍ନିବୀର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।

***Nayagarh/R***

# କ୍ରୀଡ଼ାପ୍ରତିଭା ଅନ୍ୱେଷଣ

ନୟାଗଡ଼ ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଦକ୍ଷିଣ କାଳୀ ଖେଳପଡ଼ିଆଠାରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା

ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଶିବିରରେ ଜିଲ୍ଲାର ୧୦ଟି ବ୍ଲକ୍‌ରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

***Met. O.***

# ପାଣିପାଗ

କାଳବୈଶାଖୀର ପ୍ରଭାବରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ହେବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ଏବଂ କେତେକ ସ୍ଥାନରେ ୩୦ରୁ ୪୦ କିଲୋମିଟର ରହିପାରେ । ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନାର ସମ୍ଭାବନା ନାହିଁ । ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ନେଇ ଅନୁମାନ କରାଯାଉଛି ।

******